
୨୯/୫/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୯,୯୬,୫୨୪/- ସୁନା:୦୦.୨୫୦ ଗ୍ରାମ୍ ରୁପା: ୩୫.୬୦୦ ଗ୍ରାମ୍





### ବ୍ରିକ୍ସ ସମ୍ମିଳନୀ ପାଇଁ ପ୍ରସ୍ତୁତ ପୁରୀ

# ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଶ୍ରୀକ୍ଷେତ୍ର

ପୁରୀ,୨୯।୫(ସମିସ)



ଆସନ୍ତା ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀର ତାଜ୍ ହୋଟେଲରେ ଅନୁଷ୍ଠିତ ହେବାକୁ ଯାଉଛି ବିଶ୍ୱସ୍ତରୀୟ ବ୍ରିକ୍ସ ରାଷ୍ଟ୍ର ସମୂହ ସମ୍ମିଳନୀ। ପ୍ରଥମଥର ପାଇଁ ଓଡ଼ିଶା ତଥା ପୁରୀରେ ଏଭଳି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ ହେଉଥିବାରୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବ୍ରାଜିଲ, ରୁଷିଆ, ଚାଇନା, ଇରାନ୍, ସାଉଦିଆରବ, ୟୁଏଇ ସମେତ ୧୧ଟି ଦେଶର ପ୍ରତିନିଧି ଓ ବିଶେଷଜ୍ଞମାନେ ଏହି ସମ୍ମିଳନୀରେ ଯୋଗଦେବେ। ତେବେ ଏହି ସମ୍ମିଳନୀରେ ଯୋଗଦେବାକୁ ଆସୁଥିବା ବିଦେଶୀ ଅତିଥିଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ଗୁରୁବାର ପୁରୀ ଏସ୍‌ପି ପ୍ରତୀକ୍ ସିଂ ତାଜ୍ ହୋଟେଲ ଯାଇ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ପ୍ରଥମ ସ୍ତରରେ ଓଡ଼ିଶା ପୋଲିସ, ଦ୍ୱିତୀୟ ସ୍ତରରେ ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ ଏବଂ ତୃତୀୟ ସ୍ତରରେ କେନ୍ଦ୍ରୀୟ ବାହିନୀ ମୁତୟନ ରହିବେ। ସମ୍ପୂର୍ଣ୍ଣ ପୁରୀ ସହର, ସମସ୍ତ ପ୍ରବେଶ ପଥ, ମୁଖ୍ୟ ରାସ୍ତା ଏବଂ ସମ୍ମିଳନୀ ସ୍ଥଳକୁ ସିସିଟିଭି ନଜରରେ ରଖାଯିବ। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଏଥିସହ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କାର୍ଡ ମଧ୍ୟ ନିୟୋଜିତ ରହିବେ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, 'ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ବିଦେଶରୁ ବିଭିନ୍ନ ଦେଶର ପ୍ରତିନିଧି ଆସିବେ। ଏଥିଲାଗି ପୋଲିସ ଓ ପ୍ରଶାସନ ପକ୍ଷରୁ ସବୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ବିଦେଶରୁ ଅତିଥି ଆସୁଥିବାରୁ ତାଙ୍କ ସୁରକ୍ଷା ଆମ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସିସିଟିଭି ମାଧ୍ୟମରେ ସମଗ୍ର ଅଞ୍ଚଳ ଉପରେ ନଜର ରଖାଯିବ। ବ୍ରିକ୍ସ ପ୍ରତିନିଧିମଣ୍ଡଳୀ କୋଣାର୍କ, ଚନ୍ଦ୍ରଭାଗା ଓ ସାତପଡ଼ା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହି ସ୍ଥାନଗୁଡିକରେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା ରହିବ।

### ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଟ୍ରାଫିକ୍ କଟକଣା

ବିଶେଷକରି ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ମେରାଇନ୍ ଡ୍ରାଇଭ୍ ରୋଡରେ ସାଧାରଣ ଯାନବାହାନ ଚଳାଚଳ ଉପରେ କଟକଣା ରହିବ। କିନ୍ତୁ ସାଧାରଣ ଜନତାଙ୍କ ଚଳାଚଳରେ ବାଧା ଉପୁଜିବ ନାହିଁ। ଜନସାଧାରଣଙ୍କ ସୁବିଧା ପାଇଁ ବିକଳ୍ପ ରାସ୍ତା ନେଇ ସୂଚନା ଫଳକ ଲଗାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପୁରୀରେ ଆୟୋଜିତ ହେବାକୁ ଯାଉଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଯେପରି ସୁରୁଖୁରରେ ସମ୍ପନ୍ନ ହେବ ସେ ନିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇ ପ୍ରସ୍ତୁତି ଚଳାଇଛି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବ୍ରିକ୍ସ ସମ୍ମିଳନୀ ପାଇଁ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ବୈଠକ ସରିଛି। ସୁରକ୍ଷା, ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ ଟିମ୍ ମୁତୟନ ଏବଂ ଅତିଥିମାନଙ୍କ ରହଣି ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇଛି। ପ୍ରତିନିଧି ମଣ୍ଡଳୀ ଯେଉଁ ସ୍ଥାନକୁ ପରିଦର୍ଶନରେ ଯିବେ ସେଠାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ପୁରୀରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ ହେବା ଆମ ପାଇଁ ଗର୍ବର ବିଷୟ। ଏହାକୁ ସଫଳ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି।

ବିପର୍ଯ୍ୟୟ ପରିଚାଳନା, ବାତ୍ୟା ମୁକାବିଲା ଏବଂ ସଫଳ ସ୍ଥାନାନ୍ତରଣ କ୍ଷେତ୍ରରେ ଓଡ଼ିଶାର ଦକ୍ଷତା ବିଶ୍ୱବ୍ୟାପୀ ପ୍ରଶଂସିତ। ଏହି କାରଣରୁ ବ୍ରିକ୍ସ ରାଷ୍ଟ୍ର ସମୂହର ଏହି ଅନ୍ତର୍ଜାତୀୟ ସମ୍ମିଳନୀ ପୁରୀରେ ଆୟୋଜନ କରାଯାଉଛି। ଏହା ମାଧ୍ୟମରେ ବିଶ୍ୱ ଦରବାରରେ ଓଡ଼ିଶାର ଛବି ଆହୁରି ଉଜ୍ଜ୍ୱଳ ହେବ ବୋଲି ଜିଲ୍ଲା ପ୍ରଶାସନ ଆଶା ରଖିଛି।

# ପୁରୀରେ ପୁଲିସ୍ ଆଇନ ୩୦ ଧାରା ଲାଗୁ

ପୁରୀ, ୨୯।୫(ସମିସ)

ଆଗାମୀ ରଥଯାତ୍ରା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ସବକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଆଦେଶକ୍ରମେ ପୁରୀ ଜିଲ୍ଲାରେ ପୋଲିସ ଆଇନର ୩୦ ଧାରା ଲାଗୁ କରାଯାଇଛି। ଚଳିତ ମଇ ୨୨ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ୯୦ ଦିନ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଜିଲ୍ଲାର ସମସ୍ତ ପୋଲିସ ଷ୍ଟେଶନ ଅଞ୍ଚଳ, ପୁରୀ ମହାନଗର ନିଗମ, ପିପିଲି, କୋଣାର୍କ ଓ ନିମାପଡା ଏନ୍‌ଏସି ଅଞ୍ଚଳରେ ଏହା ବଳବତ୍ତର ରହିବ ବୋଲି ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ପୁଲିସ ଆଇନ ୩୦ ଧାରା ଲାଗୁ ହେଲେ ଜିଲ୍ଲାରେ ଯେକୌଣସି ପ୍ରକାର ଶୋଭାଯାତ୍ରା, ସଭା, ସମାବେଶ ବା ମେଳି କରିବା ପାଇଁ ପୂର୍ବରୁ ପୋଲିସର ଅନୁମତି ନେବା ବାଧ୍ୟତାମୂଳକ। ବିନା ଅନୁମତିରେ ଜନସମାଗମ କଲେ ଏହାକୁ ବେଆଇନ ବିବେଚନା କରାଯିବ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ବାହୁଡ଼ା, ସୁନାବେଶ ଭଳି ବଡ଼ ଉତ୍ସବ ଥିବାରୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବ। ଏହି ସମୟରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା ଓ ଅପ୍ରୀତିକର ପରିସ୍ଥିତିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

## ରଥଖଳାରୁ... ଦଣ୍ଡା ଫ୍ରେମ୍ ନିର୍ମାଣ ଶେଷ

ପୁରୀ, ୨୯।୫ (ସମିସ)

ଜୁଲାଇ ୧୬ ତାରିଖରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ଶୁକ୍ରବାର ତିନିରଥର ଚେଚିସ୍ ବା ଦଣ୍ଡା ଫ୍ରେମ ନିର୍ମାଣ ଶେଷ ହୋଇଛି। ପ୍ରତ୍ୟେକ ରଥର ପାଞ୍ଚ ଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ଆଣି ମୁହାଁଟରେ ପାଞ୍ଚଟି ସାଲ ଗୁଜ, ପଛ ଆଣି ମୁହାଁଟରେ ତିନିଟି ଜଳଯନ୍ତ୍ର (ପାର୍ଶ୍ୱ ଦେବତାଙ୍କ ଆସ୍ଥାନ ଖଞ୍ଜିବା ପାଇଁ) ଏବଂ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠି ସେହି ଗୁଜ ଉପରେ ନିରାଡ଼ି ସଂଯୋଗ ହୋଇ ଦଣ୍ଡା ଫ୍ରେମ ପ୍ରସ୍ତୁତି ଶେଷ ହୋଇଛି। ଆଜି ପାଞ୍ଚ ଦଣ୍ଡାର ଦୁଇ ପାର୍ଶ୍ୱରେ କୁଡୁକା ସଂଯୋଗ ହୋଇ ପାର୍ଶ୍ୱ ଦଣ୍ଡା ସଂଯୋଗ ସହ ପାର୍ଶ୍ୱ ଦଣ୍ଡା ଗୁଡିକରେ ଉଭୟ ପାର୍ଶ୍ୱରେ ୬ଟି ଲେଖାଏଁ ୧୨ ଗୋଟି ଅସୁଆରୀ ଏବଂ ୪ଟି ଲେଖାଏଁ ୮ ଗୋଟି ତୀଖ ଗୁଜ ବସିବା ପାଇଁ ବିନ୍ଧ ସରିଛି। ଉକ୍ତ ଦଣ୍ଡା ଫ୍ରେମଗୁଡ଼ିକର ନମ୍ବରିଂ କାର୍ଯ୍ୟ ବାକି ରହିଛି, ନମ୍ବରିଂ ପରେ ଦଣ୍ଡା ଫ୍ରେମ ଖୋଲା ଯାଇ ସାଇତା କାର୍ଯ୍ୟ ସମ୍ପନ୍ନ ହେବ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ୮ ଟି ଲେଖାଏଁ ନାଟଗୋଡ଼ ପଟାରେ ମୁଖ ସାଲ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ସୁଦ୍ଧା ନନ୍ଦିଘୋଷ ରଥ ଏବଂ ତାଳଧ୍ୱଜ ରଥର ପୋଲ ଗୟଳର ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତିନିରଥର ସିଂହାସନ ମୁହାଁଟରେ କୁମ୍ଭ, ଡାଳିଲତା ଇତ୍ୟାଦିର ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। କରତୀ ସେବକମାନେ ଦର୍ପଦଳନ ରଥର ୪୦ ଫୁଟିଆ ପୋଲ ଗୟଳର ଚିତା କାର୍ଯ୍ୟ ଶେଷ କରି ଚିରଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଦଣ୍ଡା କଣ୍ଟା, ଗୟଳ କଣ୍ଟା ଏବଂ ପୋଟଳ କଣ୍ଟା ନିର୍ମାଣ କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରା ସେବା ନୀତି ପାଇଁ ଫୁଲ ଚାଙ୍ଗଡ଼ା ଫ୍ରେମ, ବେଶ ଗାଡ଼ିଆ ଫ୍ରେମ ଇତ୍ୟାଦି କାଠ ସରଞ୍ଜାମ ତିଆରି କରୁଛନ୍ତି।



## ମା' ଆଲାମଚଣ୍ଡୀ ମନ୍ଦିରର ବିକାଶ ପାଇଁ ପର୍ଯ୍ୟଟନ ସଚିବଙ୍କୁ ଅନୁରୋଧ

ପୁରୀ,୨୯।୫(ସମିସ): ଶ୍ରୀକ୍ଷେତ୍ରର ପ୍ରବେଶ ଦ୍ୱାର ଅଠରନଳା ନିକଟରେ ଅବସ୍ଥିତ ମା' ଆଲାମଚଣ୍ଡୀ ମନ୍ଦିରର ମରାମତି ଓ ପର୍ଯ୍ୟଟନମୂଳକ ବିକାଶ ପାଇଁ ପୁରୀର ପୂର୍ବତନ ପୌର ସଦସ୍ୟ ସୁଦର୍ଶନ ସାହୁ ପର୍ଯ୍ୟଟନ ବିଭାଗ ମୁଖ୍ୟ ସଚିବଙ୍କୁ ଅନୁରୋଧ କରିଛନ୍ତି। ମା' ଆଲମଚଣ୍ଡୀ ମନ୍ଦିର କେବଳ ଏକ ଧାର୍ମିକ ସ୍ଥାନ ନୁହେଁ, ଏହା ପୁରୀର ଇତିହାସ ଓ ପରମ୍ପରା ସହ ଗଭୀର ଭାବେ ଜଡିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ପରମ୍ପରା ସହ ଏହି ପୀଠର ସିଧାସଳଖ ସମ୍ପର୍କ ରହିଛି। ପୁରୀକୁ ଆସୁଥିବା ହଜାର ହଜାର ଭକ୍ତ ଶ୍ରୀମନ୍ଦିର ଯିବା ପୂର୍ବରୁ ପ୍ରଥମେ ମା' ଆଲମଚଣ୍ଡୀଙ୍କୁ ଦର୍ଶନ କରିବାର ପରମ୍ପରା ରହିଛି। ତେଣୁ ଧାର୍ମିକ, ସାଂସ୍କୃତିକ ଓ ଐତିହାସିକ ଦୃଷ୍ଟିରୁ ଏହାର ଗୁରୁତ୍ୱ ଅତ୍ୟଧିକ। ଏହା ସତ୍ତ୍ୱେ ବର୍ତ୍ତମାନ ମନ୍ଦିର ପରିସର ଅବହେଳିତ ଅବସ୍ଥାରେ ରହିଛି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ, ସଫେଇ ଅଭାବ ଏବଂ ଭକ୍ତମାନଙ୍କ ପାଇଁ ପାନୀୟ ଜଳ, ଶୌଚାଳୟ, ବିଶ୍ରାମ ସ୍ଥଳ ଭଳି ମୌଳିକ ସୁବିଧାର ଘୋର ଅଭାବ ଦେଖାଯାଉଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପୂର୍ବତନ ପୌର ସଦସ୍ୟ ଶ୍ରୀ ସାହୁ ପର୍ଯ୍ୟଟନ ସଚିବଙ୍କୁ ଦେଇଥିବା ଅନୁରୋଧ ପତ୍ରରେ ୫ଟି ଦାବି ରଖିଛନ୍ତି। ଏହି ଦାବିଗୁଡିକ ମଧ୍ୟରେ ମନ୍ଦିରର ପୁରୁଣା ଢାଞ୍ଚାର ସୁରକ୍ଷା ଓ ଆବଶ୍ୟକ ମରାମତି, ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନ ଅନୁକୂଳ ପରିବେଶ ସୃଷ୍ଟି, ଭକ୍ତମାନଙ୍କ ପାଇଁ ପାନୀୟ ଜଳ, ଆଧୁନିକ ଶୌଚାଳୟ ଓ ବସିବା ସୁବିଧା, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ଏବଂ ସାଇନେଜ୍ ବ୍ୟବସ୍ଥା, ଏହି ସ୍ଥାନକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ସାମିଲ କରି ଯୋଜନାବଦ୍ଧ ବିକାଶ ସାମିଲ ରହିଛି।

## ବସ୍‌ଷ୍ଟାଣ୍ଡରେ ଛୁରି ଦେଖାଇ ଦାଦାବଟି ଆଦାୟ: ୨ ଗିରଫ

ପୁରୀ,୨୯।୫(ସମିସ): ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଛୁରି ଦେଖାଇ ଦୋକାନୀଙ୍କଠାରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଲିଉପର ରାମଚଣ୍ଡୀ ସାହିର ବାବୁ ଓରଫ ଗଙ୍ଗାଧର ପ୍ରଧାନ (୩୨), ବାଲିକୁଦ ରାମଚଣ୍ଡୀ ସାହିର ସରୋଜ କୁମାର ମଣ୍ଡଳ (୩୬)। ଶୁକ୍ରବାର କୁମ୍ଭାରପଡ଼ା ପୁଲିସ ପାଟ୍ରୋଲିଂ କରୁଥିଲେ। ପୂର୍ବାହ୍ନ ସାଢେ ୧୧ଟାରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଲା ଯେ, ଦୁଇ ଜଣ ବ୍ୟକ୍ତି ବସ୍‌ଷ୍ଟାଣ୍ଡରେ ଛୁରି ଦେଖାଇ ଜୀବନରୁ ମାରିଦେବା ଧମକ ଦେଇ ଦୋକାନୀଙ୍କଠାରୁ ଦାଦାବଟି ଆଦାୟ କରୁଛନ୍ତି। ତୁରନ୍ତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସକୁ ଦେଖି ଦୁଇ ଅଭିଯୁକ୍ତ ଖସିଯିବାକୁ ଉଦ୍ୟମ କରିଥିଲେ। ହେଲେ ପୁଲିସ ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତ ସରୋଜ ନିକଟରୁ ଏକ ଅଟୋ (ନଂ.ଓଡି୧୩ଜେଡ୍-୮୭୧୦) ଏବଂ ଗଙ୍ଗାଧର ନିକଟରୁ ୧୨ ଇଞ୍ଚ ଲମ୍ବର ଗୋଟିଏ ଛୁରି ଓ ନଗଦ ୨୫୦ ଟଙ୍କା ଜବତ କରିଥିଲା।

## ଆଜିଠୁ ଏସ୍‌ଆଇଆର : ସହଯୋଗ ପାଇଁ ଅନୁରୋଧ କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ପୁରୀ,୨୯।୫(ସମିସ): ଓଡ଼ିଶାରେ ଶନିବାରଠାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ଆରମ୍ଭ ହେବ। ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ବା ବିଏଲ୍‌ଓମାନେ ମଇ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ଘରକୁ ଘର ପରିଦର୍ଶନ କରିବେ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ। ଶୁକ୍ରବାର ନୀଳାଦ୍ରି ବିଚ୍‌ଠାରେ ଏସ୍‌ଆଇଆର ସମ୍ପର୍କିତ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ଏକ ବାଲୁକା କଳାକୁ ଉଦ୍‌ଘାଟନ କରିବା ସହ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଗୋପାଳନ କହିଥିଲେ, ଶନିବାରଠାରୁ ବିଏଲ୍‌ଓମାନେ ପ୍ରତ୍ୟେକ ଭୋଟରଙ୍କୁ ଦୁଇଟି ଫର୍ମ ଯୋଗାଇ ଦେବେ। ଗୋଟିଏ କପି ଭୋଟର ରଖିବା ଉଚିତ ଏବଂ ଅନ୍ୟଟି ସମ୍ପୃକ୍ତ ବିଏଲଓଙ୍କ ନିକଟରେ ଦାଖଲ କରିବା ଉଚିତ। ଯଦି କୌଣସି ଭୋଟରଙ୍କ ନାମ, ପିତାଙ୍କ ନାମ, ଜନ୍ମ ତାରିଖ, ଠିକଣା କିମ୍ବା ଫଟୋଗ୍ରାଫରେ କୌଣସି ତ୍ରୁଟି ଥାଏ ତେବେ ବିଏଲ୍‌ଓ ସେମାନଙ୍କୁ ସଂଶୋଧନ କରିବାରେ ସହାୟତା କରିବା ସହ ସମସ୍ତେ ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଗ୍ରୀଷ୍ମ ପ୍ରବାହ ଲାଗି ବିଏଲଓମାନେ ସକାଳେ ଘରକୁ ଘର ପରିଦର୍ଶନ କରିବେ ଏବଂ ପ୍ରତିଦିନ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେମାନଙ୍କ ସମ୍ପୃକ୍ତ ବୁଥ୍‌ରେ ଉପଲବ୍ଧ ରହିବେ। ରାଜ୍ୟରେ ପ୍ରାୟ ୯୫% ମ୍ୟାପିଂ ହୋଇଛି, ଯାହା ଏକ ବଡ ସଫଳତା ବୋଲି କହିବା ସହ ସମସ୍ତ ବିଏଲଓଙ୍କୁ ଶ୍ରୀ ଗୋପାଳନ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପୁରୀ ଜିଲ୍ଲାର ଏସ୍‌ଆଇଆର କାର୍ଯ୍ୟକ୍ରମର ସୂଚନା ସହ ବିଏଲଓ ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଥିଲେ। ଭୋଟରମାନେ ନିର୍ବାଚନ କମିଶନର ଅଫିସିଆଲ୍ ୱେବସାଇଟ୍ (voters.eci.gov.in)ରୁ ଫର୍ମ ଡାଉନଲୋଡ୍ କରିପାରିବେ, ସେଗୁଡ଼ିକୁ ପୂରଣ କରି ଅନ୍‌ଲାଇନରେ ଅପଲୋଡ୍ କରିପାରିବେ। ଫର୍ମ ପୂରଣ କରିବାରେ ଯେ କୌଣସି ଅସୁବିଧାର ସମ୍ମୁଖୀନ ହେଉଥିବା ଭୋଟରମାନଙ୍କୁ ବିଏଲଓମାନେ ପୂର୍ଣ୍ଣ ସହାୟତା ଯୋଗାଇଦେବେ। ସିଇଓ ଆହୁରି ସୂଚନା ଦେଇଛନ୍ତି ଯେ, ଅଣ-ଭାରତୀୟ ନାଗରିକଙ୍କୁ ସିଧାସଳଖ ଭୋଟର ତାଲିକାରୁ ବାଦ୍ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଡେପୁଟି ସିଇଓ ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂହ, ବିତ୍ତ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ସଞ୍ଜୟ ଲୁଗୁନ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଉପ ସଚିବ ଶାଶ୍ୱତ ପ୍ରଧାନ, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ନିର୍ବାଚନ ଡେପୁଟି କଲେକ୍ଟର ରୁନୀତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପରାମର୍ଶ କ୍ରମେ ବିଏଲଓ ଓ ବିଏଲଓ ସୁପରଭାଇଜର ନିଜର ଅଭିଜ୍ଞତା ଓ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏସ୍‌ଆଇଆର ପାଇଁ ଯୋଗ୍ୟତା ତାରିଖ ଚଳିତ ବର୍ଷ ଜୁଲାଇ ୧ ଧାର୍ଯ୍ୟ କରାଯାଇଛି। ମଇ ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ବିଏଲଓମାନଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ, ଜୁନ୍ ୨୮ ସୁଦ୍ଧା ବୁଥ୍‌ଗୁଡିକର ଯୁକ୍ତି ସଂଗତ ପୁନର୍ବିନ୍ୟାସ, ଖସଡ଼ା ଭୋଟର ତାଲିକା ପ୍ରକାଶ ଜୁଲାଇ ୫ ତାରିଖ, ଦାବି ଓ ଆପତ୍ତି ସମୟ ସୀମା ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ, ନୋଟିସ ପର୍ଯ୍ୟାୟ, ଦାବି ଓ ଆପତ୍ତିର ନିଷ୍ପତ୍ତି ଜୁଲାଇ ୫ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଓ ସେପ୍ଟେମ୍ବର ୬ ତାରିଖରେ ଅନ୍ତିମ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ସୂଚନା ମିଳିଛି। ଆଜିର କାର୍ଯ୍ୟକ୍ରମ ଅବସରରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା।

## ୭ମ ଯୋଗାସନ ପ୍ରତିଯୋଗିତାରେ ପୁରୀ ଜିଲ୍ଲା ଚାମ୍ପିଅନ

ପୁରୀ,୨୯।୫(ସମିସ): ରାୟଗଡ ଜିଲ୍ଲା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଚଳିତ ମାସ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ୭ମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯୋଗାସନ ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡିଶା ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୨୦ଟି ଜିଲ୍ଲାର ୩୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୁରୀ ଜିଲ୍ଲାର ପ୍ରାୟ ୬୦ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରି ନିଜର ଯୋଗ ପ୍ରତିଭା ପ୍ରଦର୍ଶନ କରିଥିଲେ। ସାମୁହିକ ଭାବେ ପୁରୀ ଜିଲ୍ଲା ୩୦ଟି ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିଅନ ଅଫ୍ ଚାମ୍ପିଅନ ଟ୍ରଫି ହାସଲ କରିଥିଲେ। ଏଥିରେ କେନ୍ଦ୍ରାପଡା ଜିଲ୍ଲା ପ୍ରଥମ ରନର୍ସ ଅପ ଓ ରାୟଗଡ଼ ଜିଲ୍ଲା ଦ୍ୱିତୀୟ ରନର୍ସ ଅପ ହୋଇଥିଲେ। ଏହି ସଫଳତା ପାଇଁ ଜିଲ୍ଲାପାଳ, ଜିଲ୍ଲା ଏସ୍‌ପି, ଜିଲ୍ଲା କ୍ରିଡା ଅଧିକାରୀ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ ପ୍ରତିଯୋଗୀଙ୍କ ସହ ମନୋଜ ମୁଖାର୍ଜୀ, ବିଥିକା ମହାନ୍ତି, ଆଲୋକ ସ୍ୱାଇଁ, ରମାବଲ୍ଲଭ ମହାପାତ୍ର ପ୍ରମୁଖ ଜିଲ୍ଲାପାଳ, ଏସ୍‌ପି ପ୍ରମୁଖଙ୍କୁ ସାକ୍ଷାତ୍ କରିଥିଲେ। ପୁରୀ ଜିଲ୍ଲାର ନାମକୁ ସମଗ୍ର ଓଡ଼ିଶାରେ ଗୌରବାନ୍ୱିତ କରିଥିବାରୁ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ଅଭିଭାବକମାନଙ୍କୁ ଅଧିକାରୀମାନେ ଧନ୍ୟବାଦ ଜଣାଇଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ସଫଳତା ହାସଲ କରି ପୁରୀ ଜିଲ୍ଲା ଏବଂ ଓଡ଼ିଶାର ନାମକୁ ଆହୁରି ଉଜ୍ଜ୍ୱଳ କରିବା ପାଇଁ ପ୍ରେରଣା ଦେଇଥିଲେ।



## ୫୯ ଦିନରେ ପ୍ରତିବାଦ ପଦଯାତ୍ରା



ପୁରୀ, ୨୯।୫ (ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିବା ମଧ୍ୟ ସରକାର କି ଜିଲ୍ଲା ପ୍ରଶାସନ କେହି ବି ଶୁଣୁନାହାନ୍ତି। ହେଲେ ପୁରୀବାସୀ ସେମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଶୁକ୍ରବାର ୫୯ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ପ୍ରୋଟୋକଲ ଦର୍ଶନ ବନ୍ଦ ହେଉ। ନେତା, ମନ୍ତ୍ରୀ ସମସ୍ତେ ଧାଡିରେ ଯାଆନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ।

ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ସରସ୍ୱତୀ ପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ନିହାରିକା ତ୍ରିପାଠୀ, ଛବି ରାଣୀ ମହାରଣା, ସନ୍ତୋଷ ସେନାପତି, ମନୋରଞ୍ଜନ ରଣସିଂହ, ବିଶ୍ୱନାଥ ମିଶ୍ର, ପ୍ରଫୁଲ୍ଲ ସାହୁ, ନୃସିଂହନାଥ ନାୟକ, ରାଜା ମହାନ୍ତି, ଯାଦବା ନନ୍ଦ ରାୟ, ଶିଶିର କାନ୍ତ ଶତପଥୀ, ପ୍ରକାଶ ନାୟକ, କାହ୍ନୁ ଚରଣ ପ୍ରଧାନ, କିଶୋର ଚନ୍ଦ୍ର ଦାସ, ଶିବ ସୁନ୍ଦର ମିଶ୍ର, ନିରଞ୍ଜନ ସାସମଲ, ଜଗନ୍ନାଥ ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ଦୀନେଶ ମହାନ୍ତି, ଶୁଭଶ୍ରୀ ମହାରଣା, ରମେଶ ନାୟକ, ବିଜୟ ମିଶ୍ର, ଅଭିମନ୍ୟୁ ପ୍ରଧାନ, ଜଗନ୍ନାଥ ଷଡ଼ଙ୍ଗୀ, ଶୁଭେନ୍ଦୁ ପାଲ୍, ସୁରେନ୍ଦ୍ର ନାଥ ରାଉତରାୟ, ପ୍ରଦୀପ୍ତ ମହାନ୍ତି, ସୁପ୍ରିତି ନାୟକ, ସିମ୍ରନ ସାହୁ, ନେହା ବେହେରା, ରିତିକା ପ୍ରଧାନ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଜିଲ୍ଲାସ୍ତରୀୟ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

# ଅଧାରୁ ପାଠ ଛାଡ଼ିଥିବା ୧୮୯ ଜଣଙ୍କୁ ବିଦ୍ୟାଳୟ ଅଣାଯାଇଛି

ପୁରୀ,୨୯।୫(ସମିସ)

ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ତରଫରୁ ଶିଶୁ ପାଇଁ ଦିନଟିଏ ତଥା ଜିଲ୍ଲା ଶିଶୁ କଲ୍ୟାଣ ଓ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମିଶନ ବାତ୍ସଲ୍ୟ ଯୋଜନାର ଅଗ୍ରଗତି ଉପସ୍ଥାପନା କରିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ, ସାମାଜିକ ସଙ୍ଗଠନ ପ୍ରତିନିଧିଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ପଦାଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ସୁରକ୍ଷା ଯତ୍ନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆସ ସ୍କୁଲ ଯିବା ଅଭିଯାନରେ ପୁରୀ ସଦର ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳର ୧୮୯ ଜଣ ଅଧାରୁ ପାଠ ଛାଡ଼ିଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଅଣାଯାଇଛି। ସେହିପରି ୨୦୨୬-୨୭ ବର୍ଷ ଆରମ୍ଭରୁ ୫ଟି ବାଲ୍ୟ ବିବାହକୁ ବନ୍ଦ କରାଯାଇଛି ଓ ନିଷିଦ୍ଧ ଔଷଧ ବିକ୍ରିବଟା ନିମନ୍ତେ ଜିଲ୍ଲା ଡ୍ରଗ୍ସ ନିୟନ୍ତ୍ରଣ ବିଭାଗ ତରଫରୁ ୫ଟି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୨ଟି ଶିଶୁ ଶ୍ରମରେ ନିୟୋଜିତ ଶିଶୁଙ୍କୁ ଉଦ୍ଧାର କରି ଥଇଥାନ କରାଯାଇଛି। ରେଳବାଇ ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତାଙ୍କ ପ୍ରଶିକ୍ଷଣ ନିମନ୍ତେ ଆରପିଏଫ୍ ଏବଂ ଜିଆର୍‌ପି ପୋଲିସଙ୍କ ସହଯୋଗରେ ମକଡ୍ରିଲ କରାଯାଇଛି। ସଡକ ନିରାପତ୍ତା ସଚେତନତା ମାଧ୍ୟମରେ ଶିଶୁମାନଙ୍କୁ ଟ୍ରାଫିକ ନିୟମ ଶିଖାଇବା, ୧୮ ବର୍ଷ ପୂର୍ବରୁ ଗାଡି ଚାଳନା ନ କରିବାକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସଚେତନତା ସୃଷ୍ଟି କରାଯାଇଛି। ସେହିପରି ଜିଲ୍ଲାରେ ପୃଷ୍ଟପୋଷକ ସହାୟତା ପାଇଥିବା ଶିଶୁଙ୍କ ସ୍ଥିତି ସମୀକ୍ଷା କରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରିପୋର୍ଟ ଦେବାକୁ କୁହାଯାଇଛି। ଇତିମଧ୍ୟରେ ଜିଲ୍ଲା ଶିକ୍ଷା ବିଭାଗ, ଶିଶୁ ସୁରକ୍ଷା ବିଭାଗ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ରଙ୍କ ସହଯୋଗରେ ସହଜ ଅନଲାଇନ ଆବେଦନ ନିମନ୍ତେ ମାଟ୍ରିକ ପାସ କରିଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସାମ୍ସ ପୋର୍ଟାଲ ବିଷୟରେ ବିଦ୍ୟାଳୟସ୍ତରରେ ତାଲିମ ପ୍ରଦାନ ନିମନ୍ତେ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କୁ ତାଲିମ ଦିଆଯାଇଛି।

**ଶିଶୁ ଶ୍ରମରେ ନିୟୋଜିତ ୨ ଶିଶୁଙ୍କୁ ଉଦ୍ଧାର କରାଯାଇଛି**

ତେବେ ନିଷ୍ପତ୍ତି ଅନୁଯାୟୀ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ଯୋଗ୍ୟ ଅଭିଭାବକଙ୍କୁ ରାସନ କାର୍ଡ ଯୋଗାଣ, ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ ଆଦିକୁ ତ୍ୱରାନ୍ୱିତ କରିବା ସହିତ ସମସ୍ତ ଶିଶୁଙ୍କୁ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି। ମ୍ୟୁନିସିପାଲଟି ୱାର୍ଡ ଅଧିକାରୀଙ୍କୁ ତାଲିମ ଦିଆଯିବା ସହିତ ବସ୍ତି ଅଞ୍ଚଳ ତଥା ଚିହ୍ନଟ ହୋଇଥିବା ଦୁର୍ବଳ ଅଞ୍ଚଳ ଗୁଡିକରେ ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁଶ୍ରମ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ସର୍ବସାଧାରଣ ସ୍ଥାନରେ ପିଲାଙ୍କୁ ଗୁଟଖା ବିକ୍ରି ନିଷେଧ ଓ ଦଣ୍ଡ ବିଧାନ ଉପରେ ସଚେତନତା କରାଯିବ। ଏହାସହିତ ଶିଶୁ ଯତ୍ନ ଅନୁଷ୍ଠାନକୁ ନିରନ୍ତର ଏଲ୍‌ପିଜି ଗ୍ୟାସ ଯୋଗାଣ ପାଇଁ ପଦକ୍ଷେପ ନିଆଯିବା ଉପରେ ନିଷ୍ପତ୍ତି ହୋଇଛି।

ଏହି ବୈଠକରେ କିଶୋର ନ୍ୟାୟ ବୋର୍ଡ ସଦସ୍ୟା ରୋଜାଲିନ ସାହୁ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରାଜସ୍ମିନ ଗୁରିଆ, ଡ. ନାରାୟଣ ପ୍ରସାଦ ନନ୍ଦ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁସ୍ମିତା ବେହେରା ଆଞ୍ଚଳିକ ପରିବହନ ଅଧିକାରୀ, ରୀନା ସରିତା ବେଉରା ଅତିରିକ୍ତ ଯୋଗାଣ ଅଧିକାରୀ, ଅତିରିକ୍ତ ଶ୍ରମ ଅଧିକାରୀ ଆଶୁତୋଷ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ନମିତା ଚାନ୍ଦ ନାୟକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁହାଗୀ ହେମ୍ବ୍ରମ ପ୍ରୋଟେକ୍ସନ ଅଫିସର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୁଭନାରାୟଣ ଶତପଥୀ ସୁରକ୍ଷା ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରୋଜାଲିନ ପାତ୍ର ଧନ୍ୟବାଦ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲଡ ହେଲ୍ପଲାଇନର କର୍ମକର୍ତ୍ତା ସହଯୋଗ କରିଥିଲେ।

